ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/CEO(Od)/335/13-03-2024**

# ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଇ-ପୋଷ୍ଟାଲ ବାଲାଟ୍ ସମ୍ବନ୍ଧୀୟ ପ୍ରଶିକ୍ଷଣ

ଭୁବନେଶ୍ୱର,୧୩/୦୩/୨୦୨୪:

ପ୍ରତିଟି ଭୋଟ ମୂଲ୍ୟବାନ । ଦେଶ ଗଠନରେ ପ୍ରତିଟି ଭୋଟର ମହତ୍ତ୍ୱ ରହିଛି । ଯେପରି କୌଣସି ଜଣେ ଭୋଟର ମତଦାନରୁ ବଞ୍ଚିତ ନହେବେ ସେ ଲକ୍ଷ୍ୟ ନେଇ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଅନେକ କାର୍ଯ୍ୟକ୍ରମ କରାଯାଉଅଛି । ସର୍ଭିସ ଭୋଟରମାନେ ଦେଶସେବାରେ ଅନେକ ଦୂରଦୂରାନ୍ତ ଅଞ୍ଚଳରେ ନିୟୋଜିତ ହୋଇ ଦାୟିତ୍ୱ ନିର୍ବାହ କରୁଛନ୍ତି । ସେହି ସର୍ଭିସ ଭୋଟରମାନେ କିପରି ସୁଚାରୁ ରୂପେ ମତଦାନ କରିପାରିବେ ସେଥି ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଆଭାସୀ ମାଧ୍ୟମରେ ରିଟର୍ଣ୍ଣିଂ ଅଫିସରମାନଙ୍କର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଦେଶର ସମସ୍ତ ରାଜ୍ୟର ରିଟର୍ଣ୍ଣିଂ ଅଫିସରମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇ ଇଲେକ୍ଟ୍ରୋନିକାଲି ଟ୍ରାନ୍ସମିଟେଡ୍ ପୋଷ୍ଟାଲ୍ ବାଲାଟ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ (ଇଟିପିବିଏମ୍ଏସ୍) ବିଷୟରେ କମିଶନଙ୍କଠାରୁ ପ୍ରଶିକ୍ଷଣ ପ୍ରାପ୍ତ ହୋଇଛନ୍ତି । ଅନ୍‌ଲାଇନ୍ ମାଧ୍ୟମରେ ପୋଷ୍ଟାଲ ବାଲାଟ୍ କିପରି ପଠାଯିବ, ପଠାଇବାର ସୁରକ୍ଷା, ପଠାଯିବାର ସମୟ ଓ ଅଫ୍‌ଲାଇନ୍ ମାଧ୍ୟମରେ ପୋଷ୍ଟାଲ୍ ବାଲାଟ୍ କିପରି ଫେରସ୍ତ ଆସିବ ଏହି ସମସ୍ତ ବିଷୟରେ ନିର୍ବାଚନ କମିଶନଙ୍କ ତରଫରୁ ବୈଷୟିକ ବିଶେଷଜ୍ଞମାନେ ପ୍ରଶିକ୍ଷଣ ଦେଇଥିଲେ ।

ରିଟର୍ଣ୍ଣିଂ ଅଫିସରମାନେ ସମସ୍ତ ବୈଷୟିକ ଦିଗ ବିଷୟରେ ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିଲେ ଓ ନିଜର ସନ୍ଦେହଗୁଡ଼ିକ ବିଷୟରେ ପଚାରି ବୁଝିଥିଲେ । ଇଟିପିବିଏମ୍ଏସ୍ ମାଧ୍ୟମରେ ମତଦାନ କରି ସର୍ଭିସ୍ ଭୋଟରମାନେ ନିଜ ନିଜର ଜାତୀୟ କର୍ତ୍ତବ୍ୟ ସମ୍ପାଦନ ସମୟରେ ମଧ୍ୟ ମତଦାନର ସୁଯୋଗ ପାଇ ଭାରତୀୟ ଗଣତନ୍ତ୍ରର ମହାପର୍ବ 'ନିର୍ବାଚନ'ରେ ସାମିଲ ହୋଇପାରୁଛନ୍ତି । ଭାରତୀୟ ନିର୍ବାଚନ କମିଶନ ଏ ଦିଗରେ ସର୍ବଦା ଚେଷ୍ଟିତ ରହି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରୁଛନ୍ତି ।

ବିନାୟକ ମିଶ୍ର
ଲୋକସମ୍ପର୍କ ଅଧିକାରୀ